# ତହସିଲ କାର୍ଯ୍ୟାଳୟ, ବାଙ୍କୀ

ପତ୍ରସଂଖ୍ୟା ......01...... ତାରିଖ ......04.01.2022......

## ଦୀର୍ଘମିଆଦୀ ଲିଜ୍ ନିମନ୍ତେ ନିଲାମ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ବାଙ୍କୀ ତହସିଲ୍ ଅନ୍ତର୍ଗତ ନିମ୍ନଲିଖିତ ସୈରାତ ଉତ୍ସ ( ଲଘୁ ଖଣିଜ ଦ୍ରବ୍ୟ ) ର ଆସନ୍ତା ପାଞ୍ଚ ବର୍ଷ ନିମନ୍ତେ ୨୦୨୧-୨୦୨୨ ଆର୍ଥିକ ବର୍ଷଠାରୁ ୨୦୨୫-୨୦୨୬ ବର୍ଷ ପର୍ଯ୍ୟନ୍ତ ଲିଜ୍ ସକାଶେ ଦରଖାସ୍ତ ଆହ୍ୱାନ କରାଯାଉଛି । ଇଚ୍ଛୁକ ବ୍ୟକ୍ତିବିଶେଷ **OMMC RULE 2016 FORM- M** ପୁରଣ କରି ତିନି କପି ସହ ନିମ୍ନଲିଖିତ ଆବଶ୍ୟକୀୟ ଦସ୍ତାବିଜ ସଲଗ୍ନ କରି ଜଉମୁଦ ଲଫାପାରେ **Rregistered Post/Speed post** ଜରିଆରେ ତହସିଲଦାର ବାଙ୍କୀଙ୍କ ଠିକଣାରେ କିମ୍ବା ତହସିଲ କାର୍ଯ୍ୟାଳୟର Tender Box ରେ ଆସନ୍ତା ତା ୨୧.୦୧.୨୦୨୨ ରିଖ ଠାରୁ ତା ୨୭.୦୧.୨୦୨୨ ରିଖ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ପକାଇ ପାରିବେ ( ଛୁଟିଦିନ ବ୍ୟତୀତ ) । ଲଫାପା ଉପରେ ସୈରାତ ଉତ୍ସର ନାମ ଓ ସୈରାତ କେଶ ନମ୍ବର ଲେଖା ଥିବା ଆବଶ୍ୟକ । ନିଲାମ ଧାର୍ଯ୍ୟ ତାରିଖର ପୂର୍ବଦିନ ଅପରାହ୍ନ ୫ ଘଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ । କୌଣସି କାରଣ ନଦର୍ଶାଇ ନିଲାମକୁ ସ୍ଥଗିତ/ ରଦ୍ଦ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ, କଟକଙ୍କର ରହିଛି । ତା ୨୮.୦୧.୨୦୨୨ ରିଖ ୧୧ ଘଟିକା ସମୟରେ ଲିଜ୍ ଦରଖାସ୍ତକାରୀ ଙ୍କ ଉପସ୍ଥିତିରେ ଦରଖାସ୍ତ ତନଖି କରାଯିବ । ଉପରୋକ୍ତ ଦିନ କୌଣସି କାରଣରୁ ନିଲାମ ନହୋଇ ପାରିଲେ ପରବର୍ତ୍ତୀ ନିଲାମ ଯଥାକ୍ରମେ ତା ୩୧.୦୧.୨୦୨୨ ରିଖ ଏବଂ ତା ୦୩.୦୨.୨୦୨୨ ରିଖ (ଦିବା ୧୧ ଘଟିକା ) ସମୟରେ ଅନୁଷ୍ଠିତ ହେବ ।

### ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ

୧. ଦରଖାସ୍ତ ପାଉଣା ବାବଦକୁ ଟ ୧୦୦୦ .୦୦ (ଏକ ହଜାର ଟଙ୍କା) ର ଟ୍ରେଜେରୀ ଚାଲାଣ ।

୨. ଆବେଦନ କରିଥିବା ଲିଜ୍ ଜମିର ସମ୍ପୁର୍ଣ୍ଣ ବିବରଣୀ ଓ ନକ୍ସା ।

୩. ସୈରାତ ଉତ୍ସ ବାବଦ କୌଣସି ବକେୟା ଅର୍ଥ ନଥିବା ସମ୍ବନ୍ଧିୟ ସତ୍ୟ ପାଠ ।

୪. ଆବେଦନକାରୀ ରୟାଲିଟି ( **Royalty** )ଓ ଅତିରିକ୍ତ ଦେୟ ( **Additional Charge** ) ବାବଦକୁ ବାର୍ଷିକ ଶତକଡା ୫ % ହାରରେ ସ୍ଥିରୀକୃତ ହୋଇଥିବା ବାଲିର ପରିମାଣ ଉପରେ ଦେୟ ଅମାନତ ରାଶି ( **Earnest Money**) ଡିମାଣ୍ଡ ଡ୍ରାଫ୍ଟ ଆକାରରେ ପୈଠ କରିବେ ।

୫. ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ସଲଭେନ୍ସୀ ସାର୍ଟିଫିକେଟ୍ କିମ୍ବା ୧୮ ମାସ ପର୍ଯ୍ୟନ୍ତ ଅବଧି ପ୍ରାପ୍ତ ଥିବା ବ୍ୟାଙ୍କ ଗ୍ୟାରେଣ୍ଟି ଯାହାର ମୁଲ୍ୟ ବାର୍ଷିକ ସର୍ବନିମ୍ନ ସ୍ଥିରୀକୃତ ହୋଇଥିବା ଲଘୁ ଖଣିଜ ପଦାର୍ଥ ଅନୁସାରେ ଉପରୋକ୍ତ ରୟାଲିଟି ଓ ପ୍ରଦାନ କରୁଥିବା ଅତିରିକ୍ତ ଦେୟର ( **Additional Charge** ) ମୁଲ୍ୟ ଠାରୁ କମ୍ ହୋଇନଥିବା ଏବଂ ଏଥି ସହିତ ଅନ୍ୟାନ୍ୟ ସ୍ଥାବର ସମ୍ପତିର ବିବରଣୀ ପ୍ରଦାନ କରିବେ ।

୬. ନିଲାମଧାରୀ ( **successful bidder** ), **mining plan and environmental clearance** ବାବଦକୁ ଦେୟ ପୈଠ କରିବାକୁ ହେବ । ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ , ତେବେ ତାହା ସଂଶୋଧନ କରିବାର କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ରହିଛି । ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ ( ଛୁଟିଦିନ ବ୍ୟତୀତ ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୁର୍ଣ୍ଣ ବିବରଣୀ **www.cuttack.nic.in** ରେ ଉପଲବ୍ଧ ହେବ ।

ସୌମ୍ୟ ରଞ୍ଜନ ପଣ୍ଡା

ତହସିଲଦାର, ବାଙ୍କୀ

# ସର୍ତ୍ତାବଳୀ

୧. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ- ୨୦୧୬ ( OMMC RULE - 2016) ର ପରିସରଭୁକ୍ତ ରହିବେ ।

୨. ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ ଦେୟ (ADDITIONAL CHARGE ) ବାବଦକୁ ସର୍ବୋଚ୍ଚ ମୁଲ୍ୟ ଦରଜ କରିଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ନିଲାମଧାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ , ତେବେ ଲଟେରୀ ମାଧ୍ୟମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ ।

୩. ମାଇନିଂ ପ୍ଲାନ ରେ ସ୍ଥିରୀକୃତ ହୋଇଥିବା ଗଚ୍ଛିତ ଲଘୁ ଖଣିଜଦ୍ରବ୍ୟ ର ପରିମାଣ ତଥା ଲିଜଧାରୀଙ୍କ ଦ୍ଵାରା ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ଅତିରିକ୍ତ ଦେୟ (**Additional Charge** ) ର ମୂଲ୍ୟ କୁ ଗୁଣନ କରି ସମ୍ପୃକ୍ତ ଅର୍ଥ ସହିତ ରୟାଲିଟି ମୋରମ ନିମନ୍ତେ ( **@ Rs 35/- per cum.** ) ପୈଠ କରିବେ । ଏଥି ସହିତ ଜିଲ୍ଲା ମିନେରାଲ ଫାଉଣ୍ଡେସନ ଫଣ୍ଡ (DMF )ଦେୟ ମଧ୍ୟ ପୈଠ କରିବାକୁ ହେବ । ଉପରୋକ୍ତ ସମ୍ପୂର୍ଣ ରାଶି ପୈଠ ହେଲା ପରେ ରେଜିଷ୍ଟ୍ରେସନ ଆକ୍ଟ ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୮୯୯ ଅନୁଯାୟୀ ଚୁକ୍ତି ପତ୍ର ( **Lease deed** ) ସମ୍ପାଦନ କରିବେ ଏବଂ ତତ୍ ପରେ ଖାଦାନ ପରିଚାଳନା କରିବେ ।

୪. ଯଦି ସର୍ବୋଚ୍ଚ ଆଡିସନାଲ ଚାର୍ଜ ବା ଅତିରିକ୍ତ ଦେୟ ମୁଲ୍ୟାଙ୍କ କରିଥିବା ଆବେଦନକାରୀ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମସ୍ତ ଦେୟ ପୈଠ ନ କରନ୍ତି ବା ଖିଲାପ କରନ୍ତି ତା ହେଲେ ଦ୍ଵିତୀୟ ସର୍ବାଧିକ ମୁଲ୍ୟାଙ୍କ କରିଥିବା ନିଲମଧାରୀଙ୍କୁ ସୁଯୋଗ ଦିଆଯିବ ।

୫. ଯଦି ଦ୍ଵିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ ମୁଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଦ୍ଵାରା ପ୍ରଦାନ କରାଯାଇଥିବା ଅର୍ଥ ରାଶି ପ୍ରଥମ ସର୍ବୋଚ୍ଚ ମୁଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଅର୍ଥରାଶି ଠାରୁ ଅତିକମ ହୋଇଥାଏ ତେବେ ଲିଜ ପ୍ରକ୍ରିୟାକୁ ରଦ୍ଦ କରାଯାଇ ( **Controlling authority**) ଙ୍କ ଅନୁମତି କ୍ରମେ ନୁତନରୁପେ ନିଲାମ କରାଯିବ ।

୬. ଲିଜଧାରୀ ପ୍ରତିବର୍ଷ ପ୍ରଚଳିତ ଆଇନ ଅନୁସାରେ ସରକାରଙ୍କ ଦ୍ଵାରା ଧାର୍ଯ୍ୟ କରାଯାଉଥିବା **surface rent, dead rent** ଓ **royalty** ପୈଠ କରିବେ ।

୭. ଲିଜଧାରୀ ଉପରୋକ୍ତ ଦେୟ ସହିତ **District Mineral Foundation Fund (DMF )and Environmental Management Fund (EMF )**ବାବଦ ଅର୍ଥ ରାଶି ବାର୍ଷିକ ଅଗ୍ରିମ ଆକାରରେ ପ୍ରଦାନ କରିବେ ।

୮. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ମୁଲ୍ୟଠାରୁ କମ୍ ମୁଲ୍ୟ ଉଲ୍ଲେଖ କରିଥାନ୍ତି ତଥା ବିଜ୍ଞାପନ ରେ ଆବଶ୍ୟକ ଦସ୍ତାବିଜ୍ ଦାଖଲ କରି ନ ଥାନ୍ତି ତେବେ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।

୯. ନିଲାମଧାରୀ **OMMC RULE -2016** ର **Rule 33** ( sub rule **1-29** ) ର ସମସ୍ତ ସର୍ତ୍ତାବଳୀ ମାନିବା ପାଇଁ ବାଧ ହେବେ ।

୧୦. ନିଲାମଧାରୀ ଉତ୍ପାଦିତ ଲଘୁ ଖଣିଜଦ୍ରବ୍ୟ କୁ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ବିନା ଅନୁମତିରେ ରାଜ୍ୟ ବାହାରକୁ ଚାଲାଣ କରିପାରିବେ ନାହିଁ ।

୧୧. ନିଲାମଧାରୀ ଜମା ରୟାଲିଟି ର ୨ % ଆୟକର ବାବଦକୁ ଜମା କରିବେ ।

୧୨. ଲିଜଧାରୀ **Mines Act 1952** ଏବଂ **Explosive Act 1984** ର ସମସ୍ତ ନିୟମ ଓ ସର୍ତ୍ତାବଳୀ ର ଅନ୍ତର୍ଭୁକ୍ତ ରହିବେ ।

**ନିଲାମ ସ୍ଥାନ – ତହସିଲ କାର୍ଯ୍ୟାଳୟ, ବାଙ୍କୀ**

**ଧାର୍ଯ୍ୟ ତାରିଖ – ତା ୨୮।୦୧।୨୦୨୨ ରିଖ ଦିବା ୧୧ ଘଟିକା**

*ନିଲାମ ତାରିଖ ଦିନ ଦରଖାସ୍ତକାରୀ ଅନୁପସ୍ଥିତ ରହିଲେ ତାଙ୍କର କୌଣସି ଅଭିଯୋଗ ଶୁଣାଯିବ ନାହିଁ ।*

ପ୍ରତ୍ୟୁଷ ରଂଜନ ମହନ୍ତ

ତହସିଲଦାର, ବାଙ୍କୀ